# ମଧୁବାବୁ ପେନସନ ଯୋଜନା | ଭତ୍ତା ଅପେକ୍ଷାରେ ୩୮ ହଜାର ଆବେଦନକାରୀ

ବାଲେଶ୍ୱର,୧୭।୩ (ସମିସ)

ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି ଆବେଦନକାରୀ। ରାଜ୍ୟରେ ୬ ଲକ୍ଷରୁ ଅଧିକ ଆବେଦନକାରୀ ଆବେଦନ କରି ନିରାଶ ଥିବା ବେଳେ ଏଥିମଧ୍ୟରୁ ଉତ୍ତର ଓଡ଼ିଶାରେ ୧ ଲକ୍ଷରୁ ଅଧିକ ଆବେଦନକାରୀ ରହିଛନ୍ତି। ସେଥିରୁ ବାଲେଶ୍ୱର ଜିଲ୍ଲାରେ ୩୮ ହଜାର ୬୪୬ ଜଣ ଆବେଦନକାରୀ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ଖାଲି ଏତିକି ନୁହେଁ ସାରା ରାଜ୍ୟରେ ବର୍ତ୍ତମାନ ୬ ଲକ୍ଷରୁ ଅଧିକ ଆବେଦନକାରୀ ଏବେ ବି ମଧୁବାବୁ ପେନସନ ଯୋଜନା ଅଧିନରେ ଲାଭ ପାଇବା ଅପେକ୍ଷାରେ ଅଛନ୍ତି। ନିକଟରେ ଏହି ପ୍ରସଙ୍ଗ ବିଧାନସଭାରେ ମଧ ଉଠିଥିଲା। ଏବାବଦରେ ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତିକରଣ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହି ସୂଚନା ପ୍ରଦାନ କରିଛନ୍ତି।

ସୂଚନାଅନୁସାରେ, ମଧୁବାବୁ ପେନସନ ଯୋଜନାରେ ବର୍ତ୍ତମାନ ୬ ଲକ୍ଷ ୩୬ ହଜାର ୮୫୮ ଜଣ ଆବେଦନକାରୀ ପେନସନ ଲାଭ ପାଇଁ ଅପେକ୍ଷା କରିଛନ୍ତି। ସେମାନଙ୍କ ମଧ୍ୟରୁ ୮୦ ବର୍ଷରୁ ଅଧିକ ବୟସର ୩ ହଜାର ୬୯୨ ଜଣ ଆବେଦନକାରୀ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୫ ହଜାର ୯୮୧ ଜଣ ବ୍ୟକ୍ତି ପେନସନ ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। କିନ୍ତୁ ଏପର୍ଯ୍ୟନ୍ତ ଲାଭ ପାଇନାହାଁନ୍ତି। ସେହିପରି ରାଜ୍ୟରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୩ ହଜାର ୬୯୨ ଜଣ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୫ ହଜାର ୯୮୧ ଜଣ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି ଆବେଦନକାରୀ। ସରକାରୀ ତଥ୍ୟ ଅନୁସାରେ, ଜିଲ୍ଲା ଅନୁଯାୟୀ ଗଞ୍ଜାମରେ ୬୫ ହଜାର ୫୫ ଜଣ ସର୍ବାଧିକ ସଂଖ୍ୟକ ଆବେଦନକାରୀ ପେନସନ ସହାୟତା ପାଇଁ ଅପେକ୍ଷା କରିଛନ୍ତି। ସେହିପରି ଉତ୍ତର ଓଡ଼ିଶାର ମୟୁରଭଞ୍ଜରେ ୪୯ ହଜାର ୩୦୪ ଜଣ, ଭଦ୍ରକରେ ୨୮ ହଜାର ୬୩୯ ଜଣ, କେନ୍ଦୁଝରରେ ୩୨ ହଜାର ୮୩୨ ଏବଂ ବାଲେଶ୍?ର ଜିଲ୍ଲାରେ ୩୮ ହଜାର ୬୪୬ ଜଣ ଆବେଦନକାରୀ ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ତେବେ ଉତ୍ତର ଓଡ଼ିଶାର ଚାରୋଟି ଜିଲ୍ଲା ମଧ୍ୟରୁ ମୟୂରଭଞ୍ଜରେ ଅଧିକ ଏବଂ ପରେ ବାଲେଶ୍ୱର ଜିଲ୍ଲାର ଅଧିକ ଆବେଦନକାରୀ ଅପେକ୍ଷାରେ ରହିଥିବା ଜଣାପଡ଼ିଛି। ଅର୍ଥାତ୍ ସମଗ୍ର ଉତ୍ତର ଓଡ଼ିଶାରେ ୧ ଲକ୍ଷ ୪୯ ହଜାର ୪୨୧ ଜଣ ଆବେଦନକାରୀ ଭତ୍ତା ପାଇଁ ଅପେକ୍ଷାରେ ରହିଛନ୍ତି। ବାଲେଶ୍ୱର ଜିଲ୍ଲାର ସଦରରେ ମଧୁବାବୁ ପେନସନ ଯୋଜନାରେ ୪ ହଜାର ୨୯ ଜଣ ବ୍ୟକ୍ତି ଆବେଦନ କରି ଭତ୍ତା ପାଇବା ପାଇଁ ଅପେକ୍ଷାରେ ରହିଛନ୍ତି। ସେଥିମଧ୍ୟରୁ ୧୦୩ ଜଣ ବ୍ୟକ୍ତି ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ଏବଂ ୮୦ ବର୍ଷରୁ ଅଧିକ ବୟସ୍କ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ସେହିପରି ମଧୁବାବୁ ପେନସନ ଯୋଜନାରେ ବାଲେଶ୍ୱର ଜିଲ୍ଲାରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୧୨୫ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୨୩୯ ଜଣ ଆବେଦନ କରି ଅପେକ୍ଷାରେ ରହିଛନ୍ତି। ସେହିପରି ମୟୂରଭଞ୍ଜରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୨୩୯ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୨୮୬ ଜଣ, ଭଦ୍ରକରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୮୮ ଜଣ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୮୦ ଜଣ ଏବଂ କେନ୍ଦୁଝରରେ ୮୦ ବର୍ଷ ବୟସରୁ ଅଧିକ ବୟସ୍କ ୧୪୧ ଜଣ ଏବଂ ୮୦ ପ୍ରତିଶତରୁ ଅଧିକ ଭିନ୍ନକ୍ଷମ ୨୫୫ ଜଣ ଅପେକ୍ଷାରେ ରହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ସାମାଜିକ ସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶା ସରକାର ପେନସନ ଭତ୍ତା ବୃଦ୍ଧି କରିଥିଲେ। କ୍ୟାବିନେଟ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। କ୍ୟାବିନେଟ ନିଷ୍ପତ୍ତି ଅନୁଯାୟୀ, ୮୦ ବର୍ଷ ଏବଂ ତା'ଠୁ ଅଧିକ ବୟସ୍କ ବ୍ୟକ୍ତି ଏବଂ ୮୦ ପ୍ରତିଶତ ଅକ୍ଷମତା ଥିବା ବ୍ୟକ୍ତିମାନଙ୍କ ପାଇଁ ପେନସନ ଭତ୍ତା ବୃଦ୍ଧି କରାଯାଇଥିଲା। ନିର୍ଦ୍ଦେଶାବଳୀ ଅନୁଯାୟୀ, ଉପରୋକ୍ତ ବର୍ଗ ପାଇଁ ପେନସନ ମାସିକ ୩,୫୦୦ ଟଙ୍କାକୁ ବୃଦ୍ଧି କରାଯାଇଥିଲା। ଯୋଜନା ଅଧୀନରେ ପୂର୍ବରୁ ପେନସନ ପରିମାଣ ମାସିକ ୧୨୦୦ ଟଙ୍କା ଥିଲା। ତେବେ ମଧୁବାବୁ ପେନସନ ଯୋଜନାରେ ବାଦ୍ ପଡ଼ିଥିବା ୬ ଲକ୍ଷ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ସରକାରଙ୍କ ନିକଟରେ ବିଚାରାଧୀନ ରହିଥିବା ସୂଚନା ମିଳିଛି। ଏହି ୬ ଲକ୍ଷ ହିତାଧିକାରୀଙ୍କ ମଧ୍ୟରୁ ୧ ଲକ୍ଷରୁ ଅଧିକ ହିତାଧିକାରୀ ଉତ୍ତର ଓଡ଼ିଶାରେ ଅପେକ୍ଷାରେ ରହିଛନ୍ତି।

## ଧଳାଜହର କାରବାର, ଅଭିଯୁକ୍ତ କୋର୍ଟ ଚାଲାଣ

ଜଳେଶ୍ୱର, ୧୭।୩ (ସମିସ) : ଦୁଇବର୍ଷ ତଳେ ଧଳା ଜହର ଚାଲାଣ ଅଭିଯୋଗରେ ମ୍ୟୁନିସିପାଲଟିର ଝାଡେଶ୍ୱରପୁର ନିବାସୀ ଏସ୍‌କେ ରାସତୁଲାର ପୁଅ ଏସ୍‌କେ କୟାମତତୁଲ୍ଲା (୩୭) କୁ ପୁଲିସ୍ ଖୋଜୁଥିଲା। ତା ନାମରେ ଏକ ମାମଲା ଥିବା ବେଳେ ପୁଲିସ୍‌କୁ ଚକମା ଦେଇ ଘୁରିବୁଲୁଥିଲା। ଏବେ ମଧ ଧଳାଜହର ଚୋରାଚାଲାଣ କରୁଥିବା ପୁଲିସ୍ ଜାଣିବାପରେ ତାକୁ ଗତକାଲି ଷ୍ଟେସନବଜାର ନିକଟ ଏକ ଦୋକାନ ପାଖରେ ଚଢାଉ କରାଯାଇଥିଲା। ଗିରଫ ବେଳେ ତା ନିକଟରେ ବ୍ରାଉନ୍ ସୁଗର ପୁଡିଆ ମଧ ରହିଥିଲା। ଆଜି ତାକୁ କୋର୍ଟ ଚାଲାଣ କରାଯାଇଥିବା ଜଣାଯାଇଛି। ଏହି ଚଢାଉରେ ଏସ୍‌ଆଇ ଚିରଞ୍ଜିବ୍ ରାଉତ, ଏଏସ୍‌ଆଇ ଏଲଡି ମୁର୍ମୁ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ ଅଭିଯୁକ୍ତ ଜଣକ ଜଳେଶ୍ୱରର ଧଳା ଜହର କାରବାର କରୁଥିବା ନାମୀ ଦାମୀ ବ୍ୟକ୍ତିଙ୍କ ଘନିଷ୍ଠ ସମ୍ପର୍କୀୟଅଟନ୍ତି।

## ମା' ମଙ୍ଗଳା ମନ୍ଦିରରୁ ଅଳଙ୍କାର ଚୋରି

ଜଳେଶ୍ୱର, ୧୭।୩ (ସମିସ) : ଗୋବରଘଟା ପଞ୍ଚାୟତ ବୈରାଟଆଡି ଗ୍ରାମରେ ଥିବା ମା ମଙ୍ଗଳା ମନ୍ଦିରରୁ ସୋମବାର ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇ ଯାଇଛି। ସୋମବାର ରାତିରେ ପୂଜକ ପ୍ରବୀର ତ୍ରିପାଠୀ ଠାକୁରଙ୍କ ସେବା କାର୍ଯ୍ୟ ସାରି ମନ୍ଦିରରେ ତାଲା ଲଗାଇ ଘରକୁ ଯାଇଥିଲେ। ଆଜି ସକାଳେ ଜଣେ ଭକ୍ତ ଫୁଲ ନେଇ ମନ୍ଦିରକୁ ଆସିବାରୁ ତାଲା ଭଙ୍ଗାଯାଇ ମନ୍ଦିରୁ ଖୋଲା ପଡିଥିବା ଦେଖିବାକୁ ପାଇଥିଲେ। ସେ ଗ୍ରାମ୍ୟମୁଖ୍ୟଙ୍କୁ ଜଣାଇବାପରେ ସରପଂଚ ପ୍ରତିନିଧି ଚନ୍ଦନ କର ତୁରନ୍ତ ଜଳେଶ୍ୱର ଥାନାକୁ ଜଣାଇଥିଲେ। ମନ୍ଦିରର ଦାନବାକ୍ସ ସହିତ ୧୨ଟି ସୁନା ପାଦୁକା, ୧ କେଜିର ରୁପା ମୁକୁଟ ଓ ଅନ୍ୟାନ୍ୟ ଅଳଙ୍କାର ଚୋରୀ ହୋଇଥିବା ଗ୍ରାମବାସୀ ଓ ପୂଜକଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

## କଷାଫଳରେ ବୁଡ଼ ପକାଇଲେ ଲକ୍ଷାଧିକ ଶ୍ରଦ୍ଧାଳୁ



ବାଲେଶ୍ୱର ସଦର,୧୭ ।୩ (ସମିସ): ସିଂଲା ଥାନା ଅନ୍ତର୍ଗତ କଷାଫଳ ବାରୁଣୀ ଘାଟଠାରେ ଲକ୍ଷାଧିକ ଶ୍ରଦ୍ଧାଳୁ ମଙ୍ଗଳବାର ବଡ଼ି ଭୋରରୁ ବୁଡ଼ ପକାଇଛନ୍ତି। ଚୈତ୍ର ମାସ କୃଷ୍ଣପକ୍ଷ ତ୍ରୟୋଦଶୀ ତିଥିରେ ଅନୁଷ୍ଠିତ ହେଉଥିବା ମହା ବାରୁଣୀ ସ୍ନାନ ତଥା ବାରୁଣୀ ମେଳାରେ ଶ୍ରଦ୍ଧାଳୁ ମାନଙ୍କ ସ୍ନାନ ଏବଂ ବୁଡ ପାଇଁ ଓଡିଶା ସମେତ ପଡୋଶୀ ପଶ୍ଚିମବଙ୍ଗ ଏବଂ ଝାଡଖଣ୍ଡ ଅଞ୍ଚଳରୁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବୁଡ ପକାଇ ସାରିବା ପରେ ଶ୍ରଦ୍ଧାଳୁ ମାନେ ସାରଙ୍ଗଦେବଙ୍କ ଦର୍ଶନ କରିବା ସହିତ ଜଗନ୍ନାଥଙ୍କ ଦର୍ଶନ କରିଥାନ୍ତି। ତେବେ ମେଳାରେ ଜୈନିକା ମହିଳା ଜଣେ ପିଲା ବେକରୁ ଲକେଟ ଛିନତାଇ କରୁଥିବା ସମୟରେ ଲୋକେ ତାକୁ କାବୁ କରି ପୁଲିସରେ ଜିମା ଦେଇଥିଲେ। ରାଧାକୃଷ୍ଣ ଚାରିଟେବୁଲ ଟ୍ରଷ୍ଟ ସମେତ ବହୁ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଦହି ସରବର, ମୃଦୁ ପାନୀୟ ଜଳ ଏବଂ ମୁଗବୁଟ ଇତ୍ୟାଦି ବ୍ୟବସ୍ଥା କରାଯାଇଥିଲା। ତେବେ ଶ୍ରଦ୍ଧାଳୁଙ୍କ ଭରପୁର ସମାଗମକୁ ଦେଖି ସେମାନଙ୍କ ପାଇଁ ଅସ୍ଥାୟୀ ବିଶ୍ରାମାଗାର, ପାନୀୟ ଜଳ ,ଶୌଚାଳୟ ଇତ୍ୟାଦି ବ୍ୟବସ୍ଥା କରାଯାଇ ଥିଲା। ସେହିଭଳି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୨ପ୍ଲାଟୁନ ପୋଲିସ ଫୋର୍ସ ସହ ବସ୍ତା ଏସଡିପିଓ ମାନସ ଦେଓ, ସିଂଲା ଥାନା ଏବଂ ବସ୍ତା ଥାନା ପୋଲିସ ମୁତୟନ ଥିଲେ।

## ଭାଷା ବିକାଶ ଆନ୍ଦୋଳନର 'ରବୀନ୍ଦ୍ର ଦର୍ଶନ ଯାତ୍ରା' ଉଦ୍‌ଯାପିତ



ବାଲେଶ୍ୱର,୧୭।୩ (ସମିସ): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ ପକ୍ଷରୁ ୭୦ ଜଣ ସଦସ୍ୟ ବାଲେଶ୍ୱରରୁ ଶାନ୍ତିନିକେତନ ଯାତ୍ରା କରିଥିଲେ। "ରବୀନ୍ଦ୍ର ଦର୍ଶନ ଯାତ୍ରା' ଶୀର୍ଷକ କାର୍ଯ୍ୟକ୍ରମରେ ବିଶ୍ୱଭାରତୀର ଓଡ଼ିଆ ଭାଷା ସାହିତ୍ୟ ବିଭାଗର ସହଭାଗିତାରେ ସମ୍ମାନ, ଏକତ୍ର କବିତା ଲିଖନ ଓ ପଠନ ଏବଂ 'ଧୂର୍ଜଟୀ ଓ ଭାନୁସିଂହର ଗାଥା' ନାମକ ନାଟକ ପରିବେଷଣ କରାଯାଇଥିଲା। ଅନୁଷ୍ଠାନ ସଦସ୍ୟ ଓ ବିଶ୍ୱଭାରତୀର ଛାତ୍ରଛାତ୍ରୀ ମାତ୍ର ୧୦ ମିନିଟ୍ ସମୟ ମଧ୍ୟରେ 'ଉଡ଼ିବାକୁ ଡେଣା ପ୍ରସରିଲି ଯେ ଆକାଶ ନାହିଁ" ଶୀର୍ଷକ ଲେଖିଥିବା ଏକତ୍ର କବିତାଗୁଡ଼ିକୁ ଏକ ସଂକଳନ ଆକାରରେ ବାଲେଶ୍ୱର ସ୍ରଷ୍ଟା ନାଟ୍ୟାଳୟ ପରିସରରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ଲୋକାର୍ପିତ କରାଯାଇଛି। ଅନୁଷ୍ଠାନ ସଭାପତି ଡା. ଚୌଧୁରୀ ସତ୍ୟବ୍ରତ ନନ୍ଦ ଓ ପ୍ରଫେସର ରଶ୍ମିରେଖା ପତିଙ୍କ ପରିଚାଳନାରେ ଦିବସବ୍ୟାପୀ କାର୍ଯ୍ୟକ୍ରମର ପ୍ରାରମ୍ଭରେ କବି ଦୀପକ ବୋଷଙ୍କ ରଚିତ ଓ କଲ୍ୟାଣୀ ନନ୍ଦଙ୍କ ନିର୍ଦ୍ଦେଶିତ ପ୍ରାରମ୍ଭିକ ସଂଗୀତକୁ ସୁନାମଣି ଜେନା, ବାସନ୍ତୀ ବେ, ପୁଷ୍ପଲତା ଚକ୍ରବର୍ତ୍ତୀ, କବିତା ଜେନା, ଶକ୍ତି ବିଶି, ଅର୍ଚ୍ଚନା କର ଓ ଶାନ୍ତିଲତା ପଣ୍ଡା ସମବେତ ଭାବରେ ଗାନ କରିଥିଲେ। ୨୦ରୁ ଊର୍ଦ୍ଧ୍ୱ ସଦସ୍ୟ ସେମାନଙ୍କର ଶାନ୍ତିନିକେତନ ଭ୍ରମଣର ଅନୁଭୂତିକୁ ବଖାଣିଥିଲେ। ସଂଗଠନ ସମ୍ପାଦକ ତପନ ରାୟଙ୍କ ପରିଚାଳନାରେ ଶାନ୍ତିନିକେତନ ସମ୍ପର୍କିତ ଏକ ଜଣାଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନ ସମ୍ପାଦକ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ଦ୍ୱାରା ବ୍ୟଙ୍ଗାତ୍ମକ ଶୈଳୀରେ ବିଶେଷ କାର୍ଯ୍ୟକ୍ରମ "ପ୍ରବଚନ' ପରିବେଷଣ କରାଯାଇଥିଲା। ସେଥିରେ ପଣ୍ଡିତ ସଞ୍ଜୟ ପଣ୍ଡା, ଜୁମରନାଥ ପାତ୍ର, ଡ. ଲକ୍ଷ୍ମଣ ଚରଣ ବିଶ୍?ାଳ ଓ କଲ୍ୟାଣୀ ନନ୍ଦ ଅଂଶଗ୍ରହଣ କରିଥିଲେ। ବିଶେଷ ଅତିଥିଭାବେ କବି ବିମଳ ଜେନା, ଦୀପ୍ତି ଦାସ, ନିବାରଣ ଜେନା, ଶ୍ରୀଦେବ, ଡ. ଶିରାଶ ଚନ୍ଦ୍ର ଜେନା, ପ୍ରଶାନ୍ତ ଦାସ ଓ ଡ. ମଣୀନ୍ଦ୍ର ମହାନ୍ତି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଅନୁଷ୍ଠାନ ସଦସ୍ୟ କଲ୍ୟାଣୀ ନନ୍ଦ ଓ କୋଷାଧ୍ୟକ୍ଷ ଦୀପକ ବୋଷଙ୍କୁ କାର୍ଯ୍ୟକ୍ରମରେ ବିଶେଷ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା।

## ଟ୍ରେନରେ କଟି ମହିଳା ମୃତ

ସୋର,୧୭।୩ (ସମିସ): ସୋର ଥାନା ସବିରା ରେଳଷ୍ଟେସନ ନିକଟରେ ଟ୍ରେନରେ କଟି ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି। ସୋର ଥାନା ବ୍ରାହ୍ମଣସବିରା ଗ୍ରାମର ଗୀତାଞ୍ଜଳି ଦଳେଇ(୪୨) ଙ୍କ ଘରେ ଦୀର୍ଘଦିନ ଧରି ପାରିବାରିକ କଳହ ଲାଗିରହୁଥିଲା। ଏଥିରେ ଅତିଷ୍ଠ ହୋଇ ସେ ଆଜି ସକାଳେ ଘର ନିକଟରେ ଥିବା ଟ୍ରେନ ଲାଇନକୁ ଯାଇଥିଲେ। ସେଠାରେ ଟ୍ରେନରେ କଟି ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୋର ଆରପିଏଫ ଅଧିକାରୀ ଓ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ କରିବା ସହିତ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ଏ ନେଇ ଗୀତାଞ୍ଜଳିଙ୍କ ବାପା ଘର ପକ୍ଷରୁ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସୋର ଥାନା ଏବଂ ବାଲେଶ୍ୱର ଜିଆରପି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

**ବାପଘର ଲୋକ ଆଣିଲେ ହତ୍ୟା ଅଭିଯୋଗ**

## ଟ୍ରେନରୁ ଖସିପଡ଼ି ମହିଳା ମୃତ

ସୋର,୧୭।୩ (ସମିସ): ସୋରରୁ ଟ୍ରେନରେ ଚିକିତ୍ସାପାଇଁ ଏମ୍ସକୁ ଯାଉଥିବା ବେଳେ ସୋର ରେଳ ଷ୍ଟେସନରେ ଟ୍ରେନରୁ ଖସିପଡି ଜଣେ ଗୁରୁତର ମହିଳାଙ୍କ ମୃତ୍ୟୁ ହୋଇଯାଇଛି। ସୋର ପୌରାଞ୍ଚଳ କମାଣପୁର ଗ୍ରାମର ବାସନ୍ତୀଲତା ପ୍ରଧାନ ଜଣେ ଦିବ୍ୟାଙ୍ଗ ମହିଳା ଅଟନ୍ତି। ତାଙ୍କର ହୃଦରୋଗ ସମସ୍ୟା ଥିବାରୁ ଚିକିତ୍ସା ପାଇଁ ଆଜି ସକାଳେ ଭୁବନେଶ୍ୱର ଏମ୍ସ ଡ଼ାକ୍ତରଖାନାକୁ ବାରିପଦା ଟ୍ରେନରେ ଯିବାର ଥିଲା। ଷ୍ଟେସନରେ ବାରିପଦା ଟ୍ରେନରେ ଚଢ଼ିବା ସମୟରେ ଚଳନ୍ତା ଟ୍ରେନରୁ ଖସିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡ଼ାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଆରପିଏଫ ପୁଲିସ ମେଡିକାଲରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

## ରେଳଷ୍ଟେସନରେ ଚଢ଼ଉ, ଟିକଟ ଦଲାଲ ଗିରଫ

ବାଲେଶ୍ୱର,୧୭।୩ (ସମିସ): ସୋର ରେଳଷ୍ଟେସନରେ ରେଳ ଟିକଟ ଦଲାଲ କାର୍ଯ୍ୟକଳାପ ଉପରେ ଆରପିଏଫ ପକ୍ଷରୁ ଚଢ଼ାଉ କରାଯାଇ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗୋପନୀୟ ସୂଚନା ଆଧାରରେ ସୋର ଆରପିଏଫ ଆଉଟପୋଷ୍ଟ ସହ ସିଆଇବି ଖଡ଼ଗପୁର ଟିମ୍ ମିଶି ପିଆରଏସ କାଉଣ୍ଟର ନିକଟରେ ଏହି ରେଡ୍-କମ୍-ଆମ୍ବୁଶ ଅଭିଯାନ ଚାଲାଇଥିଲେ। ଅଭିଯାନ ସମୟରେ ଜଣେ ବ୍ୟକ୍ତି ସନ୍ଦେହଜନକ ଭାବେ ଘୁରୁଥିବା ଦେଖାଯାଇଥିଲେ ଓ ତତ୍କାଳ ସମୟରେ ଟିକଟ୍ ବୁକିଂ କରିବାକୁ ଚେଷ୍ଟା କରୁଥିଲେ। ଆରପିଏଫ କର୍ମଚାରୀମାନେ ତାଙ୍କୁ ଧରି ପଚାରାଉଚାରା କରିବା ପରେ ସେ ଭଦ୍ରକ ଜିଲ୍ଲାର ଶ୍ରୀକାନ୍ତ ପାଢୀ (୨୭) ବୋଲି ପରିଚୟ ମିଳିଥିଲା। ପଚରାଉଚରା ସମୟରେ ଅଭିଯୁକ୍ତ ଅନୁମୋଦନ ବିହୀନ ଭାବରେ ରେଳ ଟିକେଟ୍ ସଂଗ୍ରହ କରି ଅତିରିକ୍ତ ଟଙ୍କା ନେଇ ଗ୍ରାହକଙ୍କୁ ଯୋଗାଇ ଆସୁଥିବା କଥା ସ୍ୱୀକାର କରିଥିଲେ। ତାଙ୍କ ଠାରୁ ମୋଟ ୩,୩୭୦ ଟଙ୍କା ମୂଲ୍ୟର ଦୁଇଟି ରେଳ ରିଜର୍ଭେସନ୍ ଟିକଟ୍, ଗୋଟିଏ ଖାଲି ରିକ୍ୱିଜିସନ୍ ଫର୍ମ ଏବଂ ୧,୧୨୦ ଟଙ୍କା ନଗଦ ଜବତ କରାଯାଇଛି। ଅଭିଯୁକ୍ତ କୌଣସି ବୈଧ ଅନୁମତିପତ୍ର କିମ୍ବା ଲାଇସେନ୍ସ ଦେଖାଇ ପାରିନଥିବାରୁ ତାଙ୍କୁ ରେଲୱେ ଆକ୍ଟର ଧାରା ୧୪୩ ଅନୁଯାୟୀ ଗିରଫ କରାଯାଇଛି।

## ସୋର ଥାନାରେ ଶାନ୍ତି କମିଟି ବୈଠକ

ସୋର,୧୭।୩ (ସମିସ): ଆଗାମୀ ରାମ ନବମୀ ଏବଂ ଇଦ ପର୍ବ ପାଳନ ପାଇଁ ଆଜି ସନ୍ଧ୍ୟାରେ ସୋର ଥାନା ପରିସରରେ ଶାନ୍ତି କମିଟି ବୈଠକ ସଦର ଏସଡିପିଓ ଶୁଭ୍ରାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୋର ଥାନାଧିକାରୀ ମୁକୁନ୍ଦ ମୁରାରୀ ପାତ୍ର, ଟିପିଏନ୍‌ଓଡିଏଲର ଜେଇ ନାଗରାଜଙ୍କ ସମେତ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି ଇଦ ଏବଂ ରାମ ନବମୀକୁ ଶାନ୍ତି ଶୃଙ୍ଖଳାର ସହିତ ପାଳନ କରାଯିବାକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ। ଏସଆଇ ସୁଶିଲ ମହାନ୍ତ, ସାଧୁସିଂ ଗାଗରାଇ, ପ୍ରଭାକର ସାହୁ, ଏଏସଆଇ ସୁନୀଲ ରାଜ, ମଦନମୋହନ ଜେନା, ରଞ୍ଜନ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସୋର ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଜାତୀୟ ବ୍ୟବସାୟୀ କଲ୍ୟାଣବୋର୍ଡରେ ଓଡ଼ିଶାର ପ୍ରତିନିଧିତ୍ୱ କରିବେ ରାଜ କୁମାର ଖଣ୍ଡେଲୱାଲ

ବାଲେଶ୍ୱର,୧୭।୩ (ସମିସ): ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ ଅଧୀନରେ ଶିଳ୍ପ ଏବଂ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗ (ଡିପିଆଇଆଇଟି) ଭାରତୀୟ ବାଣିଜ୍ୟ ଏବଂ ଶିଳ୍ପ ମହାସଂଘର ଜାତୀୟ ସାଧାରଣ ସମ୍ପାଦକ ରାଜ କୁମାର ଖଣ୍ଡେଲୱାଲଙ୍କୁ ଓଡ଼ିଶା ପ୍ରତିନିଧିତ୍ୱ କରୁଥିବା ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡର ବୋର୍ଡ ସଦସ୍ୟ ଭାବରେ ଆନୁଷ୍ଠାନିକ ଭାବରେ ମନୋନୀତ କରିଛି। ଏହି ସମ୍ମାନଜନକ ନିଯୁକ୍ତି ଓଡ଼ିଶାର ବାଣିଜ୍ୟ ସମ୍ପ୍ରଦାୟ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ, ସେମାନଙ୍କୁ ଜାତୀୟ ନୀତି ନିର୍ଦ୍ଧାରଣ ଏବଂ ଶିଳ୍ପ ବିକାଶ ପଦକ୍ଷେପରେ ଏକ ଶକ୍ତିଶାଳୀ ଏବଂ ଅଧିକ ପ୍ରଭାବଶାଳୀ ସ୍ୱର ପ୍ରଦାନ କରୁଛି। ଏନଟିଡବ୍ଲୁବି ଅଧ୍ୟକ୍ଷ ସୁନୀଲ ସିଂଘିଙ୍କ ଗତିଶୀଳ ନେତୃତ୍ୱରେ ଜାତୀୟ ବ୍ୟବସାୟୀ କଲ୍ୟାଣ ବୋର୍ଡ ଦେଶର ବାଣିଜ୍ୟ ଏବଂ ଶିଳ୍ପ ଇକୋସିଷ୍ଟମର ସାମଗ୍ରିକ ବିକାଶ ପାଇଁ ପ୍ରତିବଦ୍ଧ।



ବ୍ୟବସାୟୀମାନେ ସମ୍ମୁଖୀନ ହେଉଥିବା ପ୍ରମୁଖ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା, ବ୍ୟବସାୟ କରିବାର ସହଜତା ବୃଦ୍ଧି କରିବା ଏବଂ ସ୍ଥାୟୀ ଆର୍ଥିକ ଅଭିବୃଦ୍ଧିକୁ ସମର୍ଥନ କରୁଥିବା ପ୍ରଗତିଶୀଳ ନୀତି ପ୍ରଣୟନ କରିବାରେ ବୋର୍ଡ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଶ୍ରୀ ଖଣ୍ଡେଲୱାଲଙ୍କ ନିଯୁକ୍ତିକୁ ଓଡ଼ିଶାର ବ୍ୟବସାୟୀ ଏବଂ ଏମଏସଏମଇ ପାଇଁ ଏକ ପ୍ରମୁଖ ସଫଳତା ଭାବରେ ବ୍ୟାପକ ଭାବରେ ସ୍ୱୀକୃତି ଦିଆଯାଉଛି। ତାଙ୍କର ପ୍ରତିନିଧିତ୍ୱ ଆଞ୍ଚଳିକ ଚିନ୍ତାଧାରା ପ୍ରତି ଧ୍ୟାନ ଦେବା, ଅଭିନବ ସମାଧାନକୁ ପ୍ରୋତ୍ସାହିତ କରିବା ଏବଂ ରାଜ୍ୟର ବ୍ୟବସାୟିକ ସମ୍ପ୍ରଦାୟ ପାଇଁ ଅଭିବୃଦ୍ଧି ସୁଯୋଗକୁ ତ୍ୱରାନ୍ୱିତ କରିବା ଆଶା କରାଯାଉଛି। ଏହି ଅବସରରେ ଶ୍ରୀ ଖଣ୍ଡେଲୱାଲ ଜାତୀୟ ବାଣିଜ୍ୟ କଲ୍ୟାଣ ବୋର୍ଡ ଦ୍ୱାରା ତାଙ୍କ ଉପରେ କରାଯାଇଥିବା ବିଶ୍ୱାସ ପାଇଁ କୃତଜ୍ଞତା ଜଣାଇଛନ୍ତି।

## ୧୯୯୮ ବ୍ୟାଚ୍ ବନ୍ଧୁମିଳନ

ବାଲେଶ୍ୱର,୧୭ ।୩(ସମିସ): ରେମୁଣା ବ୍ଲକ ମହାରାଜପୁର ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୯୮ ମାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ରଥ, ସମ୍ମାନିତ ଅତିଥି ଭାବେ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଙ୍ଗଠନ ଆଲୁମିନି ସଭାପତି ରବୀନ୍ଦ୍ର ମହାପାତ୍ର,ପ୍ରାଣବନ୍ଧୁ ମହାପାତ୍ର, ବିଦ୍ୟାଳୟର ପରିଚାଳନା କମିଟିର ଚେୟାରମ୍ୟାନ ରାମଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇଥିଲେ।

## ପୋଖରୀରେ ବୁଡ଼ି ଅଷ୍ଟମ ଛାତ୍ର ମୃତ

ବାଲେଶ୍ୱର,୧୭ ।୩(ସମିସ): ଚାନ୍ଦିପୁର ଥାନା ଅର୍ନ୍ତଗତ ହିଡିଗାଁ ପଞ୍ଚାୟତର ମୁଲଣାନଗର ଅଂଚଳରେ ଜଣେ ଅଷ୍ଟମଶ୍ରେଣୀ ଛାତ୍ର ତାର ଅନ୍ୟ କିଛି ସାଙ୍ଗଙ୍କ ସହ ଗାଁ ମୁଣ୍ଡରେ ଥିବା ଏକ ପୋଖରୀରେ ଗାଧୋଉଥିବା ବେଳେ ପାଣିରେ ବୁଡିଯାଇ ମୃତ୍ୟୁବରଣ କରିଛନ୍ତି। ମୃତ ଛାତ୍ର ଜଣଙ୍କ ହେଉଛନ୍ତି ମୁଲଣନଗର ଅଞ୍ଚଳର ଗୋପୀନାଥ ସୂତାରଙ୍କ ୧୪ବର୍ଷର ପୁଅ ହ୍ରିତିକ ସୂତାର। ହିତ୍ରିକ ତାର ଅନ୍ୟ ଦୁଇ ତିନି ଜଣ ସାଙ୍ଗଙ୍କ ସହ ତାଙ୍କ ଗାଁ ମୁଣ୍ଡରେ ଥିବା ଏକ ପୋଖରୀରେ ଗାଧୋଉଥିଲେ। ଏହି ସମୟରେ ହିତ୍ରିକଙ୍କ ଗୋଡ ଖସିଯାଇଥିଲା। ସେ ପହଁରା ଜାଣିନଥିବାରୁ ପାଣିରେ ବୁଡି ଯାଇଥିଲେ। ଏହାଦେଖି ତାଙ୍କର ଅନ୍ୟ ସାଙ୍ଗମାନେ ଗାଁ ଲୋକଙ୍କୁ ଖବର ଦେଇଥିଲେ। ଗାଁ ଲୋକେ ପାଣିରେ ଦୀର୍ଘ ଏକ ଘଂଟା ଧରି ଖୋଜାଖୋଜି କରିବା ପରେ ସେଠାରୁ ତାଙ୍କୁ ଉଦ୍ଧାର କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ହ୍ରିତିକ ଗବଗାଁ ସ୍ଥିତ ସାଇଶିଶୁ ମନ୍ଦିରରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ।

## କଳାକାର ମହାସଂଘର ବାର୍ଷିକ ଉତ୍ସବ ପ୍ରସ୍ତୁତି ବୈଠକ

ସୋର,୧୭।୩ (ସମିସ): ଆସନ୍ତା ଏପ୍ରିଲ ୪ତାରିଖରେ ସୋର ଗୋପିନାଥପୁର ଷ୍ଟକଚର ପଡିଆରେ କଳାକାର ମହାସଙ୍ଘର ୧୫ତମ ରାଜ୍ୟସ୍ତରୀୟକଳାକାରସମ୍ମିଳନୀ ପାଇଁ ଏକ ପ୍ରସ୍ତୁତି ବୈଠକ ଗୋପିନାଥପୁର ଷ୍ଟକଚର ପଡିଆରେ ସଭାପତି ଉପେନ୍ଦ୍ର କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ପାଦକ ଗଙ୍ଗାଧର ବେହେରା, ଉପସଭାପତି ରମେଶ ଚନ୍ଦ୍ର ବିଶ୍ୱାଳ, ସହ ସମ୍ପାଦକ ମାଧବ ଚନ୍ଦ୍ର ମହାରଣା, ନୂତନ ମନୋନୀତ ସାଂସ୍କୃତିକ ସହ ସମ୍ପାଦକ ଗୟାଧର ମହାନ୍ତିଙ୍କ, ଉପଦେଷ୍ଟା ରବିନ୍ଦ୍ରଚନ୍ଦ୍ର ନନ୍ଦ ଓ ଜଗନ୍ନାଥ କର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରାଜ୍ୟର ବିଭିନ୍ନ କଳାକରାଙ୍କୁ ନେଇ କଳା ପ୍ରଦର୍ଶିତ କରାଯିବା ସହିତ ମନୋନିତ କଳାକାର ମାନଙ୍କୁ ପ୍ରମାଣପତ୍ର, ପରିଚୟପତ୍ର ଓ ମାନପତ୍ର ପ୍ରଦାନ କରାଯିବ। ଏହି ସମୟରେ ବରିଷ୍ଠ ସଦସ୍ୟ ମୁରଲୀଧର ବେହେରା, ମଞ୍ଜୁଷାମଞ୍ଜରୀ ଦାସ, ସରୋଜିନୀ ଦାସ, ଶଶିମଣୀ ଦାସ, କୁଞ୍ଜବିହାରୀ ଦାସ, ପ୍ରଫୁଲ ବାରିକ ଓ କିଶୋର ସାହୁଙ୍କ ସମେତ ବହୁ କାଳାକାର ଉପସ୍ଥିତ ଥିଲେ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରସାୟନ ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ ସମ୍ମିଳନୀ

ବାଲେଶ୍ୱର,୧୭।୩ (ସମିସ)




ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ରସାୟନ ବିଭାଗ ପକ୍ଷରୁ 'ଉନ୍ନତ ପଦାର୍ଥର ସମ୍ଭାବ୍ୟ ପ୍ରୟୋଗର ସମ୍ପ୍ରତିକ ପ୍ରବୃତ୍ତି' ବିଷୟକ ଚତୁର୍ଥ ଅନ୍ତର୍ଜାତୀୟ ସମ୍ମିଳନୀର ଶୁଭାରମ୍ଭ ହୋଇଛି। ଦୁଇଦିନିଆ ଏହି ସମ୍ମିଳନୀର ଉଦଘାଟନୀ ବୈଠକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଥିଲା ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ପୃଷ୍ଠପୋଷକ ଭାବେ ଯୋଗ ଦେଇଥିଲେ। ମୁମ୍ବାଇର ଟାଟା ଇନଷ୍ଟିଚ୍ୟୁଟ ଅଫ ଫଣ୍ଡାମେଣ୍ଟାଲ ଗବେଷଣା ସଂସ୍ଥାର ରସାୟନ ବିଜ୍ଞାନ ବିଭାଗର ପ୍ରଫେସର ଦୀପା ଖୁଶାଲାନୀ ମୁଖ୍ୟ ଅତିଥି ଭାବେ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଝାଡ଼ଖଣ୍ଡ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଫେସର ବୈରାଗୀ ଚରଣ ମଲ୍ଲିକ ସମ୍ମାନୀତ ଅତିଥି ଓ ବିଶେଷଜ୍ଞ ଭାବେ ଯୋଗଦେଇ ଅଂଶଗ୍ରହଣକାରୀଙ୍କୁ ସମ୍ବୋଧନ କରିଥିଲେ। ସଭାକୁ ସ୍ୱାଗତ କରି ଆବାହକ ତଥା ରସାୟନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାରହୀ ବୈଷୟିକ ଅଧିବେଶନରେ ବିଭିନ୍ନ ଆଲୋଚନାର ଦିଗର ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମର ସଂଗଠନ ସଚିବ ଡ. ଜୟକୃଷ୍ଣ ଦାସ ସମ୍ମିଳନୀର କେନ୍ଦ୍ରୀୟ ବିଷୟବସ୍ତୁ ଉପସ୍ଥାପନା କରି ଏହାର ଆଧୁନିକ ବୈଜ୍ଞାନିକ ଓ ଶିଳ୍ପ କ୍ଷେତ୍ରରେ ପ୍ରାସଙ୍ଗିକତା ଉଲ୍ଲେଖ କରିଥିଲେ। ଉଦ୍‌ଘାଟନୀ ସଭାକୁ ଡ଼କ୍ଟର ଅଞ୍ଜନ କୁମାର ବେଜ ସଂଯୋଜିତ କରିଥିଲେ। ଏହି ସମ୍ମିଳନୀକୁ ଆନ୍ତର୍ଜାତୀୟ ମାନ୍ୟତା ଦେଇ ଅଷ୍ଟ୍ରେଲିଆରୁ ଡ଼କ୍ଟର ରାଜେଶ କୁମାର ଜ୍ୟୋତି ଏବଂ ପ୍ରଫେସର ଏଡି ପୋନିଏର୍ନ ଆଭାସୀ ମାଧ୍ୟମରେ ଯୋଗଦେଇ କାର୍ଯ୍ୟକ୍ରମର ଆୟୋଜକଙ୍କୁ ଧନ୍ୟବାଦ ଦେଇ ଉନ୍ନତ ମେଟେରିଆଲ ବିଷୟର ବିଶ୍ୱସ୍ତରୀୟ ସମସାମୟିକ ଅନୁଭବ ଉପସ୍ଥାପନ କରିଥିଲେ। ଶେଷରେ ସହାୟକ ଅଧ୍ୟାପକ ଶ୍ରୀ ସୁରେନ୍ଦ୍ର ହାନ୍ସଦା ଧନ୍ୟବାଦ ଜ୍ଞାପନ କରିଥିଲେ। ଦୁଇଦିନ ଧରି ଆୟୋଜିତ ଏହି ସମ୍ମିଳନୀରେ ମୋଟ ଛଅଟି ପ୍ରାୟୋଗିକ ଅଧିବେଶନର ୬୫ଟି ଗବେଷଣା ପତ୍ର ଉପସ୍ଥାପିତ ହେବ। ଯୁକ୍ତରାଷ୍ଟ୍ର ଆମେରିକା, ମରିସସ୍, ଅଷ୍ଟ୍ରେଲିଆ, ବେଲଜିୟମ୍, ଦକ୍ଷିଣ କୋରିଆ, ସ୍ୱିଡେନ୍ ଓ ଜାପାନର ପ୍ରତିଷ୍ଠିତ ସମ୍ପଦ ବ୍ୟକ୍ତିମାନେ ଆଭାସୀ ମାଧ୍ୟମରେ ଯୋଗଦେଇ ସମ୍ମିଳନୀକୁ ସମୃଦ୍ଧ କରିବାନେଇ ସୂଚୀତ କରାଯାଇଛି। ଏହି ସମ୍ମିଳନୀ ଯୁବ ଗବେଷକମାନଙ୍କ ପାଇଁ ରସାୟନ ବିଜ୍ଞାନର ବିଭିନ୍ନ ନୂତନତ୍ୱ ସହ ପରିଚିତ ହେବାର ଏକ ସୁଯୋଗ ସୃଷ୍ଟି କରିବା ସହ ଶିକ୍ଷାଜଗତ, ଶିଳ୍ପକ୍ଷେତ୍ର ଓ ବୈଜ୍ଞାନିକ ସମୁଦାୟ ମଧ୍ୟରେ ସଂଯୋଗ ସୃଷ୍ଟିରେ ସହାୟକ ହେବାର ଲକ୍ଷ୍ୟ ରଖାଯାଇଛି।

## ସିମୁଳିଆ ଡାକ୍ତରଖାନାକୁ ନିମ୍ନମାନର ଔଷଧ ଯୋଗାଣ

ସିମୁଳିଆ, ୧୭।୩ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନିମ୍ନ ମାନର ସୋଡିୟମ ଭାଲପ୍ରୋଏଟ ଗ୍ରାଷ୍ଟୋଷ୍ଟ୍ରାଣ୍ଟ ନାମକ ଔଷଧ ରୋଗୀଙ୍କୁ ଦିଆ ଯାଉଥିବା ବେଳେ ଏହାର ପ୍ରତିବାଦ କରିବାରୁ ଡାକ୍ତରଙ୍କ ନିର୍ଦ୍ଦେଶ କ୍ରମେ ଔଷଧକୁ ହଟାଇ ଦିଆଯାଇଛି। ଗଛିତ ଥିବା ଉକ୍ତ ମେଡ଼ିସିନ ଜିଲ୍ଲା ଅଫିସକୁ ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ମାର୍କୋଣା ର ରବୀନ୍ଦ୍ର କୁମାର ବେହେରା ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆସିଥିବା ବେଳେ ଡାକ୍ତରଙ୍କୁ ଦେଖାଇ ଚିଠା ଆଣି ନିରାମୟ କେନ୍ଦ୍ର ତଥା ଔଷଧ ବିତରଣ କେନ୍ଦ୍ରରେ ଦେଖାଇ ଔଷଧ ନେଇଥିଲେ। ଉପରୋକ୍ତ ଔଷଧ ନେଇଥିଲେ ଯାହାର ଅବଧି ୧୦/୨୦୨୬ ଲେଖା ଥିବା ବେଳେ ଏହା ସମ୍ପୂର୍ଣ୍ଣ ଗୁଣ୍ଡ ଓ ନରମ ହୋଇଯାଇଥିଲା। ଏ ବିଷୟରେ କହିବା ପରେ କିଛି ଫଳ ନ ମିଳିବାରୁ ଗଣ ମାଧ୍ୟମ ର ସହାୟତା ନେଇଥିଲେ। ସିମୁଳିଆଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଡାକ୍ତର ଆଶୁତୋଷ ପତିଙ୍କୁ ଏ ବିଷୟରେ ଅବଗତ କରାଇବା ପରେ ଦାୟିତ୍ୱ ରେ ଥିବା ଫାର୍ମାସିଷ୍ଟ ଙ୍କୁ ଡକାଇ ଏ ବିଷୟରେ ଅବଗତ କରାଇଥିଲେ। ସିମୁଳିଆ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ପ୍ରୋଜେକ୍ଟ ମ୍ୟାନେଜର ଗୋବିନ୍ଦ ମହାନ୍ତିଙ୍କୁ ଜିଲ୍ଲା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟ ସହିତ କଥା ହେବା ପରେ ତୁରନ୍ତ ଉକ୍ତ ମେଡ଼ିସିନକୁ ବିତରଣ ନ କରିବାକୁ ନିର୍ଦ୍ଦେଶ ଦେଇ ଏହାକୁ ଫେରସ୍ତ କରିବାକୁ କହିଥିଲେ। ଫଳରେ ବଡ଼ ଧରଣର ସମସ୍ୟାରୁ ମୁକ୍ତି ମିଳିଥିଲା।

## ମସଜିଦରେ ଇଫ୍‌ତାର ପାର୍ଟି

ଜଳେଶ୍ୱର ବ୍ଲକ/ଜଳେଶ୍ୱର, ୧୭।୩ (ସମିସ): ପବିତ୍ର ରମଜାନ ମାସ ଚାଲିଥିବାରୁ ମୁସଲମାନ ଭାଇମାନଙ୍କ ଲାଗି ଏକ ଇଫତାର ପାର୍ଟିର ଆୟୋଜନ କରାଯାଇଥିଲା। ସମାଜସେବୀ ଗୌରହରି ସାହୁଙ୍କ ନେତୃତ୍ୱରେ ଗୋପାଳ ସାହୁ, ସୂର୍ଯ୍ୟକାନ୍ତ ସାହୁ,ଆୟୁଷ ସାହୁ ପ୍ରମୁଖ ରମଜାନ ମାସର ୨୭ ତମ ଦିବସରେ ଜଳେଶ୍ୱର ପୌରପାଳିକାର ଶାସନବାଡ଼, ପଞ୍ଚୁଘଣ୍ଟା ଗ୍ରାମର ୩ଟି ମସଜିଦ୍‌ରେ



ଇଫତାର ପାର୍ଟିରେ ୪ ଶହ ଲୋକଙ୍କୁ ପ୍ରଦାନ କରିଥିଲା ବେଳେ ଥିଲା ବେଳେ ଏନୋର ମସଜିଦ ଝଡେଶ୍ୱରପୁର ଓ ତଇତୁଲ ମସଜିଦ ରାଜପୁରରେ ୩ ଶହ ଲୋକଙ୍କୁ ଇଫତାର ପାର୍ଟି ପ୍ରଦାନ କରିଥିଲେ। ଏଥିରେ ନସିମ ଉଦ୍ଦିନ, ଅବଦୁଲ ଅଜିଜ ଖାନ, ଫିରୁଜ ଖାନ୍, ସେକ ହାସିମ ଉଦ୍ଦିନ, ମିନହାଜ୍ ଉଦ୍ଦିନ, ଇନତାଜ ଖାନ,ଏସ କେ ସତ୍ତାର,ଏସ କେ କୌଶଲ୍ ମହମ୍ମଦ, ସଫିର ଉଦ୍ଦିନ, ସୈଫ ଉଦ୍ଦିନ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ୧୦ ମାସ ହେଲା ବଦଳି ସତ୍ତ୍ୱେ କ୍ୱାଟର ଛାଡୁନାହାନ୍ତି ଅଧିକାରୀ

ବାଲେଶ୍ୱର,୧୭ ।୩ (ସମିସ): ବାଲେଶ୍ୱର ସହରର ରାଜାବଗିଚା ଠାରେ ଥିବା ଏକ କଲୋନୀରେ ଜିଲ୍ଲା କୋଷାଗାରରେ କାର୍ଯ୍ୟକରୁଥିବା ଜଣେ ସରକାରୀ ଅଧିକାରୀଙ୍କ ଦୀର୍ଘ ମାସ ହେବ ବସ୍ତାକୁ ବଦଳି ହୋଇଯାଇଥିଲେ ମଧ୍ୟ ସେ ସରକାରୀ କ୍ୱାର୍ଟର ଛାଡୁ ନାହାନ୍ତି। ଏ ନେଇ ସାମାଜିକ କର୍ମୀ ଶାନ୍ତିଲତା ସାହୁ ସୂଚନା ଅଧିକାର ଆଇନ ବଳରେ ଏହାର କିଛି ତଥ୍ୟ ମାଗିଥିଲେ। ଜିଲ୍ଲା କୋଷାଗାରରେ କାର୍ଯ୍ୟକରୁଥିବା ରୋଜାଲିନା ଦାସଙ୍କ ୨୦୨୫ ଜୁନ ୨୧ତାରିଖରେ ଚିଠି ନମ୍ବର ୪୧୫ ତାରିଖ ୭/୩/୨୬ରେ ତାଙ୍କୁ ବସ୍ତା ସବ ଟ୍ରେଜେରିକୁ ବଦଳି କରାଯାଇଛି। ସେ ରାଜବଗିଚା ସ୍ଥିତ ଏହି କଲୋନୀରେ ଏଫ-୨୫ରେ ରହି ଆସୁଥିଲେ। ତାଙ୍କର ଦୀର୍ଘ ୧୦ମାସ ହେବ ବଦଳି ହୋଇଯାଇଛି। ସେ ସେଠାରୁ ବଦଳି ହେବା ପରେ ଉକ୍ତ କ୍ୱାର୍ଟରରେ ତାଙ୍କ ବାପା ମା' ରହୁଛନ୍ତି। ତୁରନ୍ତ ଏହି କ୍ୱାର୍ଟର ଛାଡି ଦେବା ନିର୍ଦ୍ଦେଶ କରାଯାଇଥିବା ବେଳେ ତାଙ୍କର କ୍ୱାର୍ଟରର ଟଙ୍କା ମଧ୍ୟ ଦରମାରୁ କଟାଯାଉଛି ବୋଲି ପ୍ରଦାନ କରାଯାଇଥିବା ତଥ୍ୟରେ ଉଲ୍ଲେଖ କରାଯାଇଛି। ଏ ନେଇ ଜିଲ୍ଲା କୋଷାଗାର ଅଧିକାରୀ ଜଗଦୀଶ ସା କହିଛନ୍ତି ଯେ, ସମ୍ପୃକ୍ତ ଅଧିକାରୀ କାରଣ ଦର୍ଶାଅ ନୋଟିସର ଉତ୍ତର ରଖିଛନ୍ତି। ଏଣୁ ନିୟମ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

● ସ୍ମାର୍ଟ ମିଟର ଲଗାଇବାକୁ ବିରୋଧ

## ବିଦ୍ୟୁତ କର୍ମଚାରୀ ଅଟକ

ସୁକିନ୍ଦା,୧୭।୩(ସମିସ): ବିଦ୍ୟୁତ୍ ବିଭାଗ ପକ୍ଷରୁ ଲଗାଯାଇଥିବା ସ୍ମାର୍ଟ ମିଟର ଓ ବହୁ ପୁରାତନ ଦେୟ ଆଦାୟକୁ ବିରୋଧ କରି ସୁକିନ୍ଦା ସଦର ମହକୁମାରେ ଉତ୍ତେଜନା ପ୍ରକାଶ ପାଇଛି। ଘଟଣାକୁ ନେଇ ସ୍ଥାନୀୟ ଉତ୍ତେଜିତ ଲୋକେ ବିଦ୍ୟୁତ୍ ବିଭାଗ କର୍ମଚାରୀଙ୍କୁ କିଛି ସମୟ ଅଟକ ରଖିଥିବା ଜଣାପଡିଛି। ସ୍ଥାନୀୟ ଲୋକ ମାନଙ୍କ ଅଭିଯୋଗକି ବିଦ୍ୟୁତ୍ ବିଭାଗ ଟାଟା ହାତକୁ ଯିବାପରେ କମ୍ପାନୀ ପକ୍ଷରୁ ଘରେ ଘରେ ସ୍ମାର୍ଟ ମିଟର ଲଗାଯାଇଛି। ସୋମବାର ସ୍ମାର୍ଟ ମିଟର ଲଗାଯାଇଥିବା ସମୟରେ ସ୍ମାର୍ଟ ମିଟରରେ ଅଧିକ ବିଲ୍ ଉଠୁଥିବା, ବିଦ୍ୟୁତ୍ କର୍ମଚାରୀ ମାନେ ବିଦ୍ୟୁତ୍ ଉପଭୋକ୍ତାଙ୍କ ଉପରେ ଅଯଥା ଅଧିକ ଫାଇନ ଲଗାଇବା ଘଟଣାକୁ ନେଇ ସ୍ଥାନୀୟଲୋକେ ଉତ୍ତେଜିତ ହୋଇ ବିଦ୍ୟୁତ ବିଭାଗର କର୍ମଚାରୀ ମାନଙ୍କୁ ଅଟକ ରଖିଥିଲେ। ସ୍ଥାନୀୟ ବାସିନ୍ଦା ଏହାର ସ୍ଥାୟୀ ସମାଧାନ ଦାବି କରିଛନ୍ତି।

## ପୂର୍ବତନ ୱାର୍ଡ ସଭ୍ୟଙ୍କ ପରଲୋକ

ଅସୁରାଳି,୧୭।୩(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ବୟାନଙ୍ଗଡିହି ପଞ୍ଚାୟତର ବରିଷ୍ଠ କଂଗ୍ରେସ ସଂଗଠକ ତଥା ପୂର୍ବତନ ୱାର୍ଡ ସଭ୍ୟ ମହେଶ୍ୱର ରାଉତ(୭୨)ଙ୍କ ପରଲୋକ



ଘଟିଛି। ସ୍ୱର୍ଗତ ରାଉତ ସରକାରୀ ଚାକିରିରୁ ଅବସର ନେବା ପରେ କଂଗ୍ରେସ ସଂଗଠନରେ ସାମିଲ୍ ହୋଇ ସମାଜସେବାରେ ନିଜକୁ ନିୟୋଜିତ କରିଥିଲେ। ସ୍ୱର୍ଗତ ରାଉତଙ୍କ ଶରୀର ଅସୁସ୍ଥ ହେବାରୁ କିଛି ଦିନ ହେବ ସେ ମେଡିକାଲରେ ରହି ଚିକିତ୍ସା ହେଉଥିବା ଅବସ୍ଥାରେ ତାଙ୍କର ପରଲୋକ ଘଟିଥିଲା। ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ନାରାୟଣ ଚନ୍ଦ୍ର ପାଢ଼ୀ, କଂଗ୍ରେସ ନେତା ରଞ୍ଜନ ବେହେରା, ରମେଶ ଚନ୍ଦ୍ର ବେହେରା, ନରେନ୍ଦ୍ର ମଲ୍ଲିକ, ଆଲୋକ ସ୍ୱାଇଁ, ପ୍ରମୋଦ ସ୍ୱାଇଁ, ରମଣୀ ରଞ୍ଜନ ଦାସ ପ୍ରମୁଖ ତାଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଧାମନଗରରେ ସୌର ପାନୀୟ ଜଳ ପ୍ରକଳ୍ପ ବାଟବଣା

# ୬ ପ୍ରକଳ୍ପ ଅଚଳ; ଖରାଦିନେ ଜଳକଷ୍ଟ

ଦୋବଲ,୧୭।୩(ସମିସ)

ରାଜ୍ୟ ସରକାରଙ୍କ ଅକ୍ଷୟ ଶକ୍ତି ପ୍ରୋତ୍ସାହନ ଓ ସୌର ଜଳ ଯୋଗାଣ ପ୍ରକଳ୍ପ ଯୋଜନା ଧାମନଗର ବ୍ଲକ୍‌ରେ ବାଟବଣା ହୋଇଛି। ଗ୍ରାମାଞ୍ଚଳରେ ପାନୀୟ ଜଳ ସଙ୍କଟ ଦୂର କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ସ୍ଥାପିତ ସୌର ଜଳ ଯୋଗାଣ ପ୍ରକଳ୍ପଗୁଡ଼ିକ ଏବେ ରକ୍ଷଣାବେକ୍ଷଣ ଅଭାବରୁ ଅଚଳ ହୋଇପଡ଼ିଛି। ବ୍ଲକ୍‌ର ୧୮ଟି ପ୍ରକଳ୍ପ ମଧ୍ୟରୁ ୬ଟି ଏକ ପ୍ରକାର ଅଚଳ ହୋଇଥିବାବେଳେ ପ୍ରଶାସନିକ ସମନ୍ୱୟ ଅଭାବରୁ ଲୋକେ ଖରାଦିନେ ଟୋପାଏ ପାଣି ପାଇଁ ଡହଳବିକଳ ହେଉଛନ୍ତି।



ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଅଧିକାରୀ ଯସ୍ମିନ ଦାସଙ୍କ ସୂଚନା ଅନୁଯାୟୀ, ବ୍ଲକ୍‌ରେ ମାତ୍ର ୧୮ଟି ପ୍ରକଳ୍ପ ରହିଛି। ମାତ୍ର ଏହି ପ୍ରକଳ୍ପଗୁଡ଼ିକର ସବିଶେଷ ତଥ୍ୟ ବିଭାଗ ପାଖରେ ନାହିଁ। ପୂର୍ବରୁ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଶିବରାମ ବୁଦୁଲା ଏସବୁ ପ୍ରକଳ୍ପ ଦାୟିତ୍ୱରେ ଥିଲେ। ସେ ଏନେଇ ଦାୟିତ୍ୱ ହସ୍ତାନ୍ତର କରି ନ ଥିବାରୁ ଏସବୁ ପ୍ରକଳ୍ପ ସମ୍ପର୍କରେ କିଛି ତଥ୍ୟ ନ ଥିବା ଯସ୍ମିନ କହିଛନ୍ତି। ଓରେଡା କିମ୍ବା ପଞ୍ଚାୟତିରାଜ ବିଭାଗ ମଧ୍ୟରୁ କିଏ ଏହି ପ୍ରକଳ୍ପଗୁଡ଼ିକୁ ସ୍ଥାପନ କରିଛି, ତାହାର ସଠିକ୍ ହିସାବ କାହାରି ପାଖରେ ନାହିଁ। ନିୟମ ଅନୁସାରେ ପ୍ରକଳ୍ପ ସ୍ଥାପନ କରିଥିବା ସଂସ୍ଥା ୫ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ କରିବା କଥା। କିନ୍ତୁ ଧାମନଗରରେ ଏହି ନିୟମ କେବଳ କାଗଜପତ୍ରରେ ସୀମିତ ରହିଛି। ଖଡ଼ିପଦା ପଞ୍ଚାୟତର ମୁଥାନଗର ଯେନାସାହି ପ୍ରକଳ୍ପଟି ଏହାର ଏକ ଜ୍ୱଳନ୍ତ ଉଦାହରଣ। ସ୍ଥାପନ ହେବାର ମାତ୍ର ୫ ଦିନ ପରେ ଏହାର କଣ୍ଟ୍ରୋଲର ଖରାପ ହୋଇଗଲା। ଦୀର୍ଘ ବର୍ଷେ ହେବ ଏହା ଅଚଳ ହୋଇ ରହିଥିଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିଛନ୍ତି। ସେହିପରି ପାହାଡ଼ପୁର ସାହୁ ସାହି ପ୍ରକଳ୍ପର ସୋଲାର ପ୍ୟାନେଲ୍ ଧୂଳିଧୂସରିତ ହୋଇ ପଡ଼ିଥିବାରୁ ମଟରକୁ ବିଦ୍ୟୁତ୍ ସଂଯୋଗ ହୋଇପାରୁନି। ଅନ୍ୟ ୪ଟି ପ୍ରକଳ୍ପରେ ମଟର ଏବଂ କାପାସିଟର ଜଳିଯାଇଥିବାରୁ ପାଣି ଟାଙ୍କି ଶୁଖିଲା ପଡ଼ିଛି। ତା' ଛଡ଼ା ପଞ୍ଚାୟତ ପକ୍ଷରୁ ଏସବୁ ପ୍ରକଳ୍ପ ଚଳାଇବାକୁ ଅପରେଟର ନିଯୁକ୍ତି ଦେବା କଥା। ପଞ୍ଚାୟତର ସରପଞ୍ଚମାନେ ସହଯୋଗ କରୁ ନ ଥିବାରୁ ଏ ପ୍ରକଳ୍ପ ଅଚଳ ପଡ଼ିଥିବା ସ୍ଥାନୀୟ ଲୋକେ କହିଛନ୍ତି। ଗୋଟିଏ ସୌର ଜଳ ପ୍ରକଳ୍ପ ପାଇଁ ପ୍ରାୟ ୪.୫ ଲକ୍ଷ ଟଙ୍କା ବ୍ୟୟ କରାଯାଏ। ପୂର୍ବରୁ ଥିବା ନଳକୂଅ ଉପରେ ୫୦୦ ଲିଟର ବିଶିଷ୍ଟ ଟାଙ୍କି ସହ ସୋଲାର ମଟର ଲଗାଇ ୨୦୦ ଲୋକଙ୍କୁ ପାଣି ଯୋଗାଇଦେବା ଯୋଜନା ଥିଲା। ବିଦ୍ୟୁତ୍ ବିଲ୍ ନ ଥିବା ଓ ପରିବେଶ ଅନୁକୂଳ ହୋଇଥିବାରୁ ଏହା ଏକ ଭଲ ଯୋଜନା ହୋଇଥିଲେ ମଧ୍ୟ ପ୍ରଶାସନିକ ଅବହେଳା ଯୋଗୁଁ ସରକାରୀ ଅର୍ଥ ପାଣିରେ ପଡ଼ିଛି। ଖରା ଜୋର୍ ବଢୁଥିବାବେଳେ ଅଧିକାରୀମାନେ ପରସ୍ପର ଉପରକୁ ଦୋଷ ଲଦି ଦାୟିତ୍ୱ ସାରିଦେଉଛନ୍ତି। ଯଦି ତୁରନ୍ତ ଏହି ପ୍ରକଳ୍ପଗୁଡ଼ିକର ମରାମତି କରା ନ ଯାଏ, ତେବେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ।

## ବରୀ ବିଜେପିରେ ନେତୃତ୍ୱ କନ୍ଦଳ

## ମନୋଜଙ୍କୁ ଟକ୍କର ଦେବାକୁ ଉମେଶ ଓ ସୁନନ୍ଦା କୋଳାକୋଳି!

ଯାଜପୁର/ବରୀ,୧୭।୩(ସମିସ): ଗତ ସାଧାରଣ ନିର୍ବାଚନରେ ଯାଜପୁର ଜିଲ୍ଲାର ବରୀ ବିଧାନସଭା ଆସନରେ ବିଜେଡି ସର୍ବାଧିକ ଭୋଟରେ ବିଜୟ ଲାଭ କରିଥିଲା। ସେଥିପାଇଁ ବିଜେଡି ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକଙ୍କୁ ୫୦ ହଜାରରୁ ଉର୍ଦ୍ଧ୍ୱ ଭୋଟରେ ଜିତିଥିବା ଏକମାତ୍ର ବିଧାୟକ ଭାବେ ପରିଚୟ ମିଳିଛି। ସାରା ରାଜ୍ୟରେ ଏପରିକି ଯାଜପୁର ଜିଲ୍ଲାର ଅନ୍ୟ ନିର୍ବାଚନ ମଣ୍ଡଳୀରେ ବିଜେପିର ପ୍ରଦର୍ଶନ ଅପେକ୍ଷାକୃତ ଭଲ ଥିଲେ ମଧ୍ୟ ବରୀ ବିଜେପିର ଦୁର୍ବଳ ନେତୃତ୍ୱ ସ୍ପଷ୍ଟ ବାରି ହୋଇଥିଲା। ଗତ ସାଧାରଣ ନିର୍ବାଚନରେ କଂଗ୍ରେସରୁ ଆସି ଉମେଶ ଆସି ବିଜେପି ଟିକଟରୁ ଲଢ଼ିଥିଲେ। ନିର୍ବାଚନ ପରେ ପୂର୍ବତନ ବିଧାୟିକା ସୁନନ୍ଦା ଦାସ ବିଜେପିରେ ସାମିଲ ହୋଇଛନ୍ତି ସତ; କିନ୍ତୁ ତାଙ୍କୁ ଦଳରେ ସେତିକି ସୁଯୋଗ ମିଳୁନଥିବା ଚର୍ଚ୍ଚା ହେଉଛି। ଉଭୟ ସୁନନ୍ଦା ଓ ଉମେଶ ମୂଳ ବିଜେପି ଦଳର ହୋଇନଥିବାରୁ ଦଳର କ୍ୟାଡର କର୍ମୀ ମାନେ ତାଙ୍କୁ ଗ୍ରହଣ କରିପାରୁନଥିବା ଚର୍ଚ୍ଚା ହେଉଛି। ତେଣୁ ଉଭୟ ନେତୃତ୍ୱକୁ ପଛକୁ ଠେଲି ତୃତୀୟ ନେତୃତ୍ୱଙ୍କୁ ଦଳ ସୁଯୋଗ ଦେବା ପାଇଁ ଉଦ୍ୟମ ଆରମ୍ଭ କରିଦେଇଛି। ଦଳର ମୁଖପାତ୍ର ଦାୟିତ୍ୱରେ ଥିବା ମନୋଜ ମହାପାତ୍ରଙ୍କୁ ଦଳ ଇତିମଧ୍ୟରେ ବରୀରେ ପ୍ରବେଶ କରାଇଦେଇଥିବା ଚର୍ଚ୍ଚା ହେଉଛି। ଗତ କିଛି ଦିନ ତଳେ ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତର ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ ପ୍ରବକ୍ତା ମନୋଜ ମହାପାତ୍ର ଯୋଗଦେଇ ତାଙ୍କର ସାଂଗଠନିକ ଶକ୍ତି ପ୍ରଦର୍ଶନ କରିବା ଏବଂ ଏହି କାର୍ଯ୍ୟକ୍ରମରେ ରାଜ୍ୟ ନେତୃତ୍ୱ ମାନେ ସାମିଲ ହେବା ପରେ ମନୋଜ ପାଇଁ ଦଳ ପଥ ପରିଷ୍କାର କରୁଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି। ଏହି ଘଟଣା ପରଠାରୁ ଉଭୟ ସୁନନ୍ଦା ଓ ଉମେଶଙ୍କ ରାଜନୈତିକ ଭବିଷ୍ୟତକୁ ନେଇ ସନ୍ଦୀହାନ ହୋଇପଡିଥିବା କୁହାଯାଉଛି। ସେଥିପାଇଁ ଉଭୟ ପରସ୍ପର ବିରୋଧରେ ଲଢ଼ିବା ଛାଡି ଏକାଠି ହୋଇ ମନୋଜଙ୍କ ବିରୋଧରେ ଲଢ଼ିବା ପାଇଁ ଉଦ୍ୟମ ଆରମ୍ଭ କରିଥିବା କୁହାଯାଉଛି। ଏଥିପାଇଁ ଉଭୟ ଏକାଠି ମିଶି ମନୋଜଙ୍କ କିଭଳି ଚେକ୍ ଦେବେ ସେଥିପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡିଛି। ଆଗାମୀ ଦିନରେ ଉଭୟ ଗୋଷ୍ଠୀ ବରୀ ନିର୍ବାଚନ ମଣ୍ଡଳୀର ପଡ଼ୋଶୀ ଅଞ୍ଚଳରେ ଏକ ମହାମିଳନ କାର୍ଯ୍ୟକ୍ରମ ଆୟୋଜନ କରି ମନୋଜ ମହାପାତ୍ରଙ୍କ ବିରୋଧରେ ଏକାଠି ହେବା ପାଇଁ ଯୋଜନା ଚାଲିଥିବା କର୍ମୀ ମାନେ ଫୁସୁରୁ ଫାସୁରୁ ହେଉଛନ୍ତି। ବରୀରେ ବିଜେପିର ଦୁର୍ବଳ ପ୍ରଦର୍ଶନ ମନୋଜଙ୍କ ପାଇଁ ସହଜ ହେଉଛି। ମନୋଜଙ୍କ ରାଜ୍ୟ ଓ କେନ୍ଦ୍ରୀୟ ନେତୃତ୍ୱଙ୍କ ପାଖରେ ଥିବା ପରିଚୟ ଦଳକୁ ଆଗକୁ ନେବାକୁ ସହଜସାଧ୍ୟ ହେବ ବୋଲି ଦଳୀୟ କର୍ମୀ ମାନେ ମତ ଦେଉଥିବା ବେଳେ ଆଗାମୀ ଦିନରେ ମନୋଜ ଦଳର ନେତୃତ୍ୱ ନେବେ କି ବୋଲି ପ୍ରଶ୍ନ କରିବାରୁ ଦଳ ଯେତେବେଳେ ଯେଉଁ ଦାୟିତ୍ୱ ଦେବ ତାହାକୁ ମନା କରିବେ ନାହିଁ କହି ପରୋକ୍ଷରେ ବରୀ ନେତୃତ୍ୱ ନେବା ପାଇଁ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଥିବା ସ୍ୱୀକାର କରିଛନ୍ତି।

## ମା' ଭଦ୍ରକାଳୀଙ୍କ ପୀଠରେ ଅଗ୍ନିକାଣ୍ଡ

ଭଦ୍ରକ,୧୭।୩(ସମିସ): ଭଦ୍ରକର ଅଧିଷ୍ଠାତ୍ରୀ ଦେବୀ ମା' ଭଦ୍ରକାଳୀଙ୍କ ପୀଠରେ ଘଟିଛି ଅଗ୍ନିକାଣ୍ଡ। ମା'ଙ୍କ ଭଣ୍ଡାର ଘରେ ନିଆଁ ଲାଗି ମା'ଙ୍କ ଲୁଗାପଟା ସହ ଅନେକ ଆସବାବପତ୍ର ପୋଡ଼ିଯାଇଛି। ସେବାୟତଙ୍କ ଉଦ୍ୟମରେ ଏକ ବଡ଼ ଅଘଟଣ ଟଳିଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ମା' ଭଦ୍ରକାଳୀଙ୍କ ସନ୍ଧ୍ୟା ଆଳତି ଚାଲିଥିବାବେଳେ ଭଣ୍ଡାର ଘରୁ ଧୂଆଁ ବାହାରିଥିବା କେତେକ ଭକ୍ତଙ୍କ ନଜରକୁ ଆସିଥିଲା। ସେବାୟତମାନଙ୍କ ମିଳିତ ସହଯୋଗରେ ନିଆଁକୁ ଆୟତ କରାଯାଇଥିଲା। ପରେ ଅଗ୍ନିଶମ ବାହିନୀ



ପହଞ୍ଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଛି। ଖବର ପାଇ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ମନ୍ଦିରରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରାଥମିକସ୍ତରରେ ସର୍ଟସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା କହିଛନ୍ତି ଉପଜିଲ୍ଲାପାଳ। ବିଦ୍ୟୁତ୍ ବିଭାଗ ସହିତ ବିଭାଗୀୟ ଅଧିକାରୀମାନଙ୍କୁ ତରନ୍ତ କରି ଏ ଦିଗରେ ଧ୍ୟାନ ଦେବା ସହିତ ମରାମତି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପୁରୁଣା ତାର ସର୍ଟସର୍କିଟ୍‌ର କାରଣ ବୋଲି ସେବାୟତ ଅରବିନ୍ଦ ଦୀକ୍ଷିତ, ରଘୁନାଥ ସେନାପତି ପ୍ରମୁଖ ଅଭିଯୋଗ କରିଛନ୍ତି।

## ବଜ୍ରପାତରେ ଜଳିଗଲା ଘର



ବାଲେଶ୍ୱର ସଦର/ରାଜଘାଟ, ୧୭।୩ (ସମିସ): ସଦର ବ୍ଲକ ଓ ସିଂଲା ଥାନା ଅନ୍ତର୍ଗତ ସାର୍ଥା ପଞ୍ଚାୟତର ବାଂଶ୍ରୀ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଏହି ଗ୍ରାମର ଗୋବର୍ଦ୍ଧନ ଧଡାଙ୍କ ଘର ନିକଟରେ ବିଳମ୍ବିତ ରାତି ରେ ବଜ୍ରପାତ ହେବା ସହ ହଠାତ ଘରେ ନିଆଁ ଲାଗି ଯାଇଥିଲା। ନିଆଁ ଲାଗିବା ପରେ ପରିବାର ଲୋକେ ଜୀବନ ବିକଳରେ ଘରୁ ବାହାରକୁ ଦୌଡି ପଳାଇ ଆସିବା ସହିତ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। ଘରଟି ହୁତୁ ହୁତୁ ହୋଇ ଜଳି ଯାଇ ଥିଲା। ସାହି ପଡିଶା ଏବଂ ପରିବାର ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁକୁ ଆୟତ୍ତ କରି ପାରିନଥିଲେ। ଖବର ପାଇ ବାଲେଶ୍ୱର ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ସେତେବେଳକୁ ଘରଟି ସମ୍ପୂର୍ଣ୍ଣ ଜଳି ପୋଡି ପାଉଁଶ ହୋଇ ଯାଇଥିଲା। ଏହି ଅଗ୍ନି କାଣ୍ଡରେ ତାଙ୍କର ଆନୁମାନିକ ୫ ଲକ୍ଷରୁ ଅଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଥିବା ଜଣା ପଡ଼ିଛି। ଗୋବର୍ଧନଙ୍କ ପରିବାର ଗରିବ ଶ୍ରେଣୀର ହୋଇଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହି ଅଗ୍ନିକାଣ୍ଡରେ ତାଙ୍କ ଘରର ସମସ୍ତ ଆସବାବପତ୍ର, ଧାନ, ଚାଉଳ, ନଗଦ ଟଙ୍କା ପୋଡି ପାଉଁଶ ହେବା ସହ ୯ଟି ଛେଳି ଏବଂ ୫ଟି କୁକୁଡା ଜୀବନ୍ତ ଦଗ୍ଧ ହୋଇ ଯାଇଛି।

## ରାତ୍ରୀକାଳୀନ ଟୁର୍ଣ୍ଣାମେଣ୍ଟ: ଆଗରପଡ଼ା ୧୧ ଚାମ୍ପିଅନ

ବନ୍ତ/ଆଗରପଡ଼ା,୧୭।୩(ସମିସ): ବନ୍ତ ବ୍ଲକ୍ ଟିଲୋ ଭାରତୀମଠ ଜୟ ହନୁମାନ କ୍ରିକେଟ୍ କ୍ଲବ୍ ପକ୍ଷରୁ ରାତ୍ରୀକାଳୀନ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଆଗରପଡ଼ା ୧୧କୁ ଏ ବର୍ଷର ଚାମ୍ପିଅନ ଘୋଷଣା କରାଯାଇଛି। ଫାଇନାଲ୍ ମ୍ୟାଚ୍ ସରମରା ୧୧ ଓ ଆଗରପଡ଼ା ୧୧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ସରମରା ୧୧ ଟସ୍ ଜିତି ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୫ ୱିକେଟ୍ ହରାଇ ମାତ୍ର ୧୮ ରନ୍ ସଂଗ୍ରହ କରିପାରିଥିବାବେଳେ ବିପକ୍ଷ ଦଳ ଆଗରପଡ଼ା ୧୧ ମାତ୍ର ୧.୫ ଓଭରରେ ୧ ୱିକେଟ୍ ହରାଇ ୧୯ ରନ୍ ସଂଗ୍ରହ କରି ଏ ବର୍ଷର ଜୟ ହନୁମାନ କ୍ରିକେଟ୍ କ୍ଲବ୍ ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ହୋଇଛି। ଅମ୍ପାୟାର ପ୍ରାଣକୃଷ୍ଣ ଲେଙ୍କା, ଦୀନବନ୍ଧୁ ଜେନା, ଭାଷ୍ୟକାର ସତ୍ୟନାରାୟଣ ଜେନା, ସ୍କୋରର ପ୍ରକାଶ ଜେନା, ସମ୍ବିତ ରାଉତ୍ କାର୍ଯ୍ୟ ତୁଲାଇଥିଲେ। ମୁଖ୍ୟଅତିଥି ଭାବେ ସମାଜସେବୀ ରମାକାନ୍ତ ଜେନା ଉଦ୍‌ଘାଟନ କରିଥିବାବେଳେ ଶେଷରେ ବିଜୟୀ ଟିମ୍ ଆଗରପଡ଼ା ୧୧କୁ ଟ୍ରଫି ପ୍ରଦାନ କରିଥିଲେ ଟୁର୍ଣ୍ଣାମେଣ୍ଟର ସଭାପତି ପ୍ରକାଶ ରାଉତ୍, ସମ୍ପାଦକ ଅମର ପୁହାଣ, ଜଗବନ୍ଧୁ ରାଉତ୍, କାଳନ୍ଦୀ ବାରିକ୍, କୈଳାଶ ଜେନା, ଲିଲୁଆ ରାଉତ୍, ବାପି ରାଉତ୍ ପ୍ରମୁଖ ଉପସ୍ଥିତ ଥିଲେ। ଲିପୁ ଜେନା, କୁନାଲ ଜେନା, ଗୌରାଙ୍ଗ ବେହେରା, ସିପୁନ ଜେନା, କାଳିଆ ଜେନା, ଶିତୁ ରାଉଳ, ପ୍ରଳୟ ଜେନା, ଦୀପକ ଜେନା, ବୁବୁ ଜେନା, ଜଗନ୍ନାଥ ଜେନା ପ୍ରମୁଖ ସହଯୋଗ କରିଥିଲେ।

## ଅଜଣା ଗାଡ଼ି ଧକ୍କାରେ ଯୁବକ ଗୁରୁତର

ବିଞ୍ଝାରପୁର,୧୭।୩(ସମିସ): ବିଞ୍ଝାରପୁର ବ୍ଲକ ନିକଟ ଗୌଡ ସାହି ଅଞ୍ଚଳରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସୂଚନା ଅନୁଯାୟୀ, ଅରେଇ ପଞ୍ଚାୟତ ବରହମପୁର ଗ୍ରାମର କୃଷ୍ଣଚନ୍ଦ୍ର ଯେନାଙ୍କ ପୁଅ ପରମେଶ୍ୱର ଯେନା (୪୧) ନିଜ ଶଶୁର ଘରୁ ବାଇକରେ ଫେରୁଥିବା ସମୟରେ ଏକ ଅଜଣା ଗାଡ଼ି ତାଙ୍କୁ ଧକ୍କା ଦେଇଥିଲା। ଧକ୍କା ପରେ ଗାଡ଼ିଟି ଘଟଣାସ୍ଥଳରୁ ପଳାଇଯାଇଥିଲା। ସ୍ଥାନୀୟ ଲୋକମାନେ ତୁରନ୍ତ ଆହତ ଯୁବକଙ୍କୁ ଉଦ୍ଧାର କରି ବିଞ୍ଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ତାଙ୍କର ଅବସ୍ଥା ଗୁରୁତର ହେବା ସହିତ ପାଦରେ ଗଭୀର ଆଘାତ ଥିବାରୁ ପ୍ରଥମେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଏବଂ ପରବର୍ତ୍ତୀକାଳରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ସୂଚନା ମିଳିଛି। ଘଟଣାକୁ ନେଇ ଅଞ୍ଚଳରେ ଚିନ୍ତା ବ୍ୟକ୍ତ ହୋଇଥିବାବେଳେ, ଅଜଣା ଗାଡ଼ିଟିଙ୍କ ସନ୍ଧାନ ପାଇଁ ପୁଲିସ ତଦନ୍ତ ଆରମ୍ଭ କରିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକ ମାନେ ଦାବି କରିଛନ୍ତି।

## ସିରିଜ୍ ଦୁର୍ଘଟଣା; ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

ପଣିକୋଇଲି,୧୭।୩(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲଗେଟ ନିକଟରେ ଆଜି ଅପରାହ୍ନରେ ଦୁଇ କାର୍ ଓ ବସ୍ ମଧ୍ୟରେ ସିରିଜ ଦୁର୍ଘଟଣା ଘଟିଥିବା ବେଳେ ୨ ଜଣ ସାମାନ୍ୟ ଆହତ ହୋଇଥିବା ବେଳେ ବସ୍ ଯାତ୍ରୀମାନେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ ଭୁବନେଶ୍ୱରରୁ ଭଦ୍ରକ ଅଭିମୁଖେ ଏକ ଡିଜେଆର୍ କାର୍ (ଓଡି୨୨ଏନ୩୯ ୯ ୯) ଭଦ୍ରକ ଅଭିମୁଖେ ଯାଉଥିବା ବେଳେ ଏକ ଇଟିକା କାର ସହ ଧକ୍କା ହୋଇଥିଲା। ଇଟିକା କାରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ବେଳେ ପଛରୁ ଆସୁଥିବା ଆଶିକ ନାମ ଏକ ଘରୋଇ ବସ୍ (ଓଡି୦୯ଏଚ ୩୬୭୩) ସହ ଘସି ହୋଇଯାଇଥିଲା। ଫଳରେ ଡିଜେଆରଟି ରାସ୍ତା ମଝି ଡିଭାଇଡରେ ପିଟି ହୋଇ ପଛ ପଟ ଦୁର୍ଘଟଣା ହୋଇଥିବା ବେଳେ ଆଗପଟ ଚୁରମାର ହୋଇଥିଲା। କାର୍ ମଧ୍ୟରେ ଥିବା ୫ଜଣଙ୍କ ମଧ୍ୟରୁ ୨ଜଣ ଆହତ ହୋଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୁଲିସ, ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ବସ୍ ଓ କାରକୁ ଥାନାକୁ ଆଣିଥିବା ବେଳେ ଆହତ ଦ୍ୱୟ ଚିକିତ୍ସା ପାଇଁ ଯାଇଥିବା ସୂଚନା ମିଳିଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

## ମା' ମଙ୍ଗଳାଙ୍କ ୧୦୮ ତମ ସାମ୍ବତ୍ସରିକ ଉତ୍ସବ

ବନ୍ତ/ଆଗରପଡ଼ା,୧୭।୩(ସମିସ): ବନ୍ତ ବ୍ଲକ୍ ବସନ୍ତିଆ ଗ୍ରାମରେ ଅଧିଷ୍ଠିତ ମା' ମଙ୍ଗଳାଙ୍କ ୧୦୮ ତମ ବାର୍ଷିକୋତ୍ସବ ଚଳିତ ବର୍ଷ ମହାସମାରୋହରେ ଅନୁଷ୍ଠିତ ହୋଇଛି। ମା' ମଙ୍ଗଳା ପୂଜା କମିଟି ଏବଂ ବସନ୍ତିଆ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିକଟସ୍ଥ ଚୌଧୁରୀ ପୁଷ୍କରିଣୀରୁ ଗ୍ରାମର ପୁରୁଷ ଓ ମହିଳାଙ୍କ ଦ୍ୱାରା ୫୧ଟି କଳସ ଶୋଭାଯାତ୍ରାରେ ଅଣାଯାଇ ଗ୍ରାମ ପରିକ୍ରମା କରିବା ପରେ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସ୍ଥାପନ କରାଯାଇଥିଲା। ଏହି ବାର୍ଷିକୋତ୍ସବ ୫ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବାବେଳେ ମା'ଙ୍କୁ ଦର୍ଶନ କରି କରୁଣା ଲାଭ କରିବା ପାଇଁ ନିକଟସ୍ଥ ଗ୍ରାମରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହେଉଛି। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଏଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ପ୍ରସାଦସେବନର ବ୍ୟବସ୍ଥା କରାଯାଉଛି। ଏଥିରେ ପୂଜକ ଭାବେ ଶକ୍ତିଧର ମିଶ୍ର, ଦିଲ୍ଲୀପ ମିଶ୍ର, ପ୍ରଦୀପ କର ପ୍ରମୁଖ ଦାୟିତ୍ୱ ନିର୍ବାହ କରୁଛନ୍ତି।

## ବିନା ସୂଚନାଫଳକରେ ଚାଲିଛି ଗ୍ରାମ୍ୟ ଉନ୍ନୟନ ବିଭାଗର କାମ



ଦୋଲସାହି,୧୭।୩(ସମିସ)

ଭଦ୍ରକ ବ୍ଲକ୍ ଅଧୀନ ବେନ୍ତାଳ ପଞ୍ଚାୟତରେ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ରାସ୍ତା କାମ ଚାଲିଛି। ସୂଚନାଫଳକ ନ ଥିବାରୁ କାର୍ଯ୍ୟରେ କେତେ ଟଙ୍କାର ଅଟକଳ କରାଯାଇଛି ତାହା ଜଣାପଡୁନାହିଁ। ସୂଚନା ମୁତାବକ, ବେନ୍ତାଳ ପଞ୍ଚାୟତର ଗୋପାଳବିନ୍ଧାଠାରୁ ପାଣିଭଣ୍ଡାର ପର୍ଯ୍ୟନ୍ତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ରାସ୍ତାର ଉନ୍ନତୀକରଣ ପାଇଁ ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ, ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ କରକମଳରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ତେବେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି କାର୍ଯ୍ୟକ୍ରମ ପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହେଉଛି।

## ଗାଡ଼ି ଚେକିଂ ବେଳେ ୪ କେଜି ଗଞ୍ଜେଇ ଜବତ

ଧାମନଗର,୧୭।୩(ସମିସ): ଧାମନଗର ଥାନାରେ ନୂଆ ଅଧିକାରୀ ଯୋଗଦେବା ପରେ ବେଆଇନ ଦେଶୀ ବିଦେଶୀ ମଦ ଓ ଗଞ୍ଜେଇ ବେପାରୀଙ୍କ ଚିନ୍ତା ବଢ଼ିବାରେ ଲାଗିଛି। ଧାମନଗର ଥାନା ଚୁଡ଼ାକୁଟି ରାସ୍ତା ପଣ୍ଡୁବଜାର ଛକରେ ପୁଲିସ ପକ୍ଷରୁ ଗାଡ଼ି ଚେକିଂ ସମୟରେ ୪ କିଲୋ ଗଞ୍ଜେଇ ଜବତ ସହ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖିଥିବା ସୂଚନା ଦିଆଯାଇଛି। ଅଟକ ବ୍ୟକ୍ତି ହେଲା ଭଦ୍ରକ ରୁରାଲ ଥାନା ଅର୍ଣ୍ଣପାଳ ଅଧୀନ ମଧୁସୂଦନପୁର ଗାଁର ବିଜୟ ସାହୁ ବୋଲି ପୁଲିସଠାରୁ ସୂଚନା ମିଳିଛି। ଯୁବକ ଜଣକ ଏକ ବାଇକ୍‌ରେ ଗଞ୍ଜେଇ ନେଇ ଭଦ୍ରକ ଅଭିମୁଖେ ଯାଉଥିବାବେଳେ ପଣ୍ଡୁବଜାର ଛକରେ ଧାମନଗର ଥାନା ପକ୍ଷରୁ ଯାନବାହନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏସ୍ଆଇ ମହେଶ୍ୱର ପ୍ରଧାନଙ୍କ



ସନ୍ଦେହ ହେବାରୁ ତାଙ୍କୁ ଅଟକାଇ ଚେକିଂ କରିଥିଲେ। ସେହି ସମୟରେ ତାଙ୍କ ପାଖରୁ ପ୍ରାୟ ୪ କିଲୋ ଗଞ୍ଜେଇ ଜବତ କରାଯାଇଥିବାବେଳେ ଅତିରିକ୍ତ ତହସିଲ୍‌ଦାର ପଲ୍ଲୀ ଭାରତ ମହାଳିକ, ଏସ୍ଆଇ ସସ୍ମିତା ମଲ୍ଲିକଙ୍କ ଉପସ୍ଥିତିରେ ଗଞ୍ଜେଇକୁ ଜବତ କରିବା ସହ ବିଜୟକୁ ଥାନାକୁ ନେଇ ଅଟକ ରଖି ପଚରାଉଚରା ଜାରି ରହିଛି। ସମ୍ପୂର୍ଣ୍ଣ ତଥ୍ୟ ସଂଗ୍ରହ ପରେ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ସୁବ୍ରଜିତ ଦାଶ ସୂଚନା ଦେଇଛନ୍ତି।

